# Akashvani, Sambalpur

## SAMBALPURI NEWS BULLETIN

### 19 September 2024- 6.47- 6.52 am.

*********************************************

ବିକାଶ୍ ମେଲା                                    ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ଶହେ ଦିନ୍ ପୁରା କର୍ବାର୍ ଅବ୍ସରେ ଆଏଜ୍ ପୁରୀ ଶର୍ଧାବାଲି ନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ ହେଉଛେ । ଇ କାର୍ଯ୍ୟକ୍ରମ୍କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍ଘାଟନ୍ କର୍ବେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେବେ । ଇତାର୍ଛଡ଼ା ମନ୍ତ୍ରୀମଣ୍ଡଲ୍ର ସଦସ୍ୟ, ସାଂସଦ୍ ଆଉ ବିଧାୟକ୍ମାନେ ଯୋଗ୍ ଦେବେ । ଇଥି ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ କଲ୍ୟାଣ୍କାରୀ ଯୋଜ୍ନା ସାଙ୍ଗେ ଶହେ ଦିନର୍ ବିଭାଗୀୟ କାର୍ଯ୍ୟକଳାପ ଆର୍ ସଫଳତା ବିଷେ ପ୍ରଚାର୍ ପ୍ରସାର୍ ହେବା । ରାଜ୍ୟର୍ ସବୁ ଜିଲ୍ଲା ନ ଆଏଜ୍ନୁ ୨୨ ତାରିଖ୍ତକ୍ ବିକାଶ୍ ମେଲା ଆୟୋଜନ୍ କରାଯିବା ।  ଇ ଅବ୍ସରେ ପୁରୀର୍

ନୀଲାଚଳ ଅର୍ବାନ ହାଟ୍ ନ ଥିବା ବିକାଶ୍ ମେଳାକେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ୍ କର୍‌ବେ ।

ସିଙ୍ଗିଲ୍ ୱିଣ୍ଡୋ-ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ଉଚ୍ଚକ୍ଷମତା ସମ୍ପନ୍ନ କ୍ଲିୟରେନ୍ସ ଅଥରିଟି ବୈଠକ୍ ହେଇଯାଇଛେ । ଇଥି ୧୨ ଟା ଶିଳ୍ପ ପ୍ରତିଷ୍ଠା ଥାପ୍‌ନାକେ ଅନୁମତି ଦିଆଯାଇଛେ । ୮ ଟା ଜିଲ୍ଲା ନ ଥାପ୍‌ନା ହେବାର୍‌କେ ଥିବା ଇ ଶିଳ୍ପ ସଂସ୍ଥାମାନ୍‌କେ ୩୯ ହଜାର୍ ୨ ଶହ ୭୧ କୋଟି ଟଙ୍କା ନିବେଶ୍ କରାଯିବା ଆଉ ଇଥି ୧୭ ହଜାର୍ ୯୮ ଟା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା । ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ନୂଆଁ ସର୍‌କାର୍‌ଙ୍କର୍ ପହେଲା ଶହେ ଦିନେ ରାଏଜେ ମୋଟ୍ ୪୫ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍‌କେ ଅନୁମତି ଦିଆଯାଇଛେ ।

ଖରିଫ୍ ଧାନ୍ ସଂଗ୍ରହ-ସମୀକ୍ଷା ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଇ ବଛର୍ ୧ କୋଟି ମେଟ୍ରିକ୍ ଟନ୍ ଧାନ୍ ସଂଗ୍ରହ ଲକ୍ଷ୍ୟ ରଖାଯାଇଛେ । ଇଥିର୍‌ଲାଗି ଚାଷୀମାନ୍‌କର୍ ସୁବିଧାର୍ ଲାଗି ମଣ୍ଡି ମାନ୍‌କେ ସବୁ ପ୍ରକାର୍ ବ୍ୟବସ୍ଥା କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ଖରିଫ୍ ଧାନ୍ ସଂଗ୍ରହ ଆଉ ସର୍ବନିମ୍ନ ସହାୟକ ମୂଲ୍ୟ ଏମ୍‌ଏସ୍‌ପି ୩ ହଜାର୍ ଶହେ ଟଙ୍କା ଲାଗୁ ନେଇକରି ହେଇଥିବା ସମୀକ୍ଷା ବୈଠକ୍‌ଥି ଚାଷୀମାନ୍‌କର୍ ହିତକେ ନଜର୍‌ଥି ରଖିକରି ସହାୟକ ମୂଲ୍ୟ ଲାଗୁ କର୍‌ବାର୍ ଆଉ ସଂଗ୍ରହ ପ୍ରକ୍ରିୟା ସରଳୀକରଣ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ କହିଛନ୍ । ସଂଗୃହିତ ଧାନ୍‌କେ ସୁରକ୍ଷିତ ରଖିବାର୍ ଲାଗି ଗୁଦାମ୍ ଘର୍ ତିଆର୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଜୋର୍ ଦେବାର୍ ସହେତେ କୃଷକ୍‌ମାନ୍‌କର୍ ସର୍ବାଧିକ୍ ସୁବିଧା ଲାଗି ସବୁ ବ୍ୟବସ୍ଥା କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ପୁଲିସ୍ ମହାନିର୍ଦ୍ଦେଶକ ଆର୍‌ଏନ୍‌ୟୁ / ସମ୍ବଲପୁର

୧୯୯୦ ବେଚ୍‌ର ବରିଷ୍ଠ ଆଇପିଏସ୍ ଆଉ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ସର୍ବନିମ୍ନ ୨ ବରସ୍ ଲାଗି ରାଜ୍ୟ ପୁଲିସ୍ ଡିଜି ପଦଥି ରହେବେ । ଇ ୨ ବର୍ଷିଆ

କାର୍ଯ୍ୟକାଳ  ୨୦୨୬ ଅଗଷ୍ଟ ୧୬ ତାରିଖ୍ ଦିନ ଶେଷ୍ ହେବା । ଇ ବାବ୍‌ଦେ ଗୃହ ବିଭାଗ୍ ତର୍‌ଫୁ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ରାଜ୍ୟ ପୁଲିସ୍ ଡିଜି ୱାଇ.ବି. ଖୁରାନିଆଙ୍କର୍ କାର୍ଯ୍ୟକାଳକେ ସର୍ବନିମ୍ନ ୨ ବଛର୍ ମାନେ ୨୦୨୬ ଅଗଷ୍ଟ ୧୬ ତାରିଖ୍‌ତକ୍ ରାଜ୍ୟ ସର୍‌କାର୍ ବଢ଼େଇଛନ୍ । କେନ୍ଦ୍ର ଗୃହ ମନ୍ତ୍ରଣାଲୟର୍ ୧୯୭୭ ମସିହା ମେ ମାସ ୧୮ ତାରିଖ୍‌ର ନିର୍ଦ୍ଦେଶ୍‌ନାମା ଆଧାର୍‌ଥି ରାଜ୍ୟ ସର୍‌କାର୍ ଇ ନିଷ୍ପତି ନେଇଛନ୍ ।

ଡାକ୍ତର୍- ସ୍ୱତନ୍ତ୍ର ସୁରକ୍ଷା ନୀତି        ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ଡାକ୍ତର୍, ଡାକ୍ତରୀ ଛାତ୍ରଛାତ୍ରୀ ଆଉ ସ୍ୱାସ୍ଥ୍ୟସେବାଥି ସାମିଲ୍ ଥିବାର୍ ଲୁକ୍‌କର୍ ସୁରକ୍ଷା ଲାଗି ସ୍ୱତନ୍ତ୍ର ନୀତି ଆନିଛନ୍ । ଇ ବାବ୍‌ଦେ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଗୁଟେ ବିଜ୍ଞପ୍ତି ବାହାରିଛେ । ଇ ସ୍ୱତନ୍ତ୍ର ନୀତିଥି ସୁରକ୍ଷା ବିଷେ ବିସ୍ତୃତ୍ ନିର୍ଦ୍ଦେଶାବଳୀ ରହିଛେ ।  ଇନ୍‌ଡୋ଼ର୍ ରୋଗୀଙ୍କର୍ ଭିଜିଟର ପାସ୍ ବ୍ୟବସ୍ଥା କରାଯାଇକରି ଫି’ ରୋଗୀଙ୍କୁ ୨ ଟା ପାସ୍ ଦିଆଯିବା । ହସ୍ପିଟାଲ୍ ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଜାଗାମାନ୍‌କେ ସିସିଟିଭି କେମ୍‌ରା ଲଗାଯିବା । ସେନ୍ତା ସବୁ ସର୍‌କାରୀ ମେଡ଼ିକାଲ୍ କଲେଜ୍ ଆଉ ପରିସର୍ ନ ପୁଲିସ୍ ଆଉଟ୍‌ପୋଷ୍ଟ୍ ଥାପ୍‌ନା କରାଯିବା । ଇ ନୀତି

ଅନ୍‌ସାରେ ଏତ୍‌କେ ସବୁ ସ୍ୱାସ୍ଥ୍ୟକେନ୍ଦ୍ରର୍ ଚାର୍‌ହିଆଡ଼େ ବାଉଣ୍ଡରି ଓ୍ୱାଲ୍ ତିଆର୍ କରାଯିବା । ଇ ସବୁ ନୀତି କାର୍ଯ୍ୟାନ୍ୱୟନ୍ ଲାଗି ସଂସ୍ଥାଗତ ନୀରୀକ୍ଷଣ୍ କମିଟି ଗଠନ୍ କରାଯିବା ।

ମଙ୍କିପକ୍ସ -ରାଜ୍ୟ ସର୍‌କାର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ରାଏଜେ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ୍ ଲାଗି ଗୁଟେ ନିର୍ଦ୍ଦେଶ୍‌ନାମା ଜାରି କରିଛନ୍ । ଇ ବାବ୍‌ଦେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ନୀଲକଣ୍ଠ ମିଶ୍ର - ରାଜ୍ୟର୍ ସବୁ ସି.ଡି.ଏମ୍.ଓ., ଭୁବ୍‌ନେଶ୍ୱର୍‌ର ବିଜୁ ପଟ୍ଟନାୟକ୍ ବିମାନ୍ ବନ୍ଦର୍ ନିର୍ଦ୍ଦେଶକ, ପାରାଦ୍ୱୀପ୍ ପୋର୍ଟ ସ୍ୱାସ୍ଥ୍ୟ ଅଧିକାରୀଙ୍କର୍ ସହେତେ ସବୁ ମେଡ଼ିକାଲ୍ କଲେଜ୍‌ର ମୁଖ୍ୟ କେପିଟାଲ୍ ହସ୍ପିଟାଲ୍ ଆଉ ରାଉର୍‌କେଲା ଆର୍‌ଜିଏଚ୍‌ର ନିର୍ଦ୍ଦେଶକଙ୍କୁ ସତର୍କ ଆଉ ଦର୍‌କାରୀ ମୁକାବିଲା ଲାଗି ନିର୍ଦ୍ଦେଶ୍ ଦେଇଛନ୍ । କେନ୍ଦ୍ର ସର୍‌କାର୍‌ଙ୍କର ନିର୍ଦ୍ଦେଶ୍‌ନାମା ଅନ୍‌ସାରେ ବିମାନ୍ ବନ୍ଦର୍ ଆଉ ବନ୍ଦର୍ ମାନ୍‌କେ ସ୍ୱାସ୍ଥ୍ୟ ଡେସ୍କ ଖୁଲାଯିବା । ଇଠାନେ ସନ୍ଦିଗ୍ଧ ମାନ୍‌କୁ ଚିହ୍ନଟ୍ କରାଯାଇକରି ନମୁନା ଠୋଲ୍ କରିକରି ପରୀକ୍ଷା ଲାଗି ଭୁବ୍‌ନେଶ୍ୱର୍ ପଠାଯିବା ।

ପୂର୍ତ୍ତମନ୍ତ୍ରୀ -ରାସ୍ତା ମରାମତି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ସବୁ ସହର୍‌ର ରାସ୍ତାକେ ଆଏବା ମାସ ୫ ତାରିଖ୍‌ତକ୍ ମରାମତି ଲାଗି ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ବିଭାଗ୍‌ର ବରିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ରାଜ୍ୟର୍ ଭିନ୍ ଭିନ୍ ରାସ୍ତା, ସେତୁ, କୋଠାବାଡ଼ି ଆଉ ପ୍ରମୁଖ ପ୍ରକଳ୍ପ କାମ୍‌ର ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିକରି ଶ୍ରୀ ହରିଚନ୍ଦନ୍ ଭିନ୍ ଭିନ୍ ନିର୍ମାଣ୍ କାମ୍‌ଥି ଥିବା ପ୍ରତିବନ୍ଧକ୍‌କେ ଦୂର୍ କର୍‌ବାର୍ ସହେତେ ଚାଲୁଥିବା ନିର୍ମାଣ୍ କାମ୍ ତୁର୍‌ତି କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ନୂଆଁ ନିର୍ମାଣ୍ ହେଉ କି ମରାମତି ସବୁଥିରେ ଗୁଣବତା ଉପ୍‌ରେ ଗୁରୁତ୍ୱ ଦେବାର୍‌କେ ସେ ନିର୍ଦ୍ଦେଶ୍ ଦେଇଛନ୍ ।

ବାତ୍ସଲ୍ୟ ଯୋଜ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଗଲାକାଏଲ୍ ଏନ୍‌ପିଏସ୍ ବାତ୍ସଲ୍ୟ ସ୍କିମ୍‌ର ଶୁଭାରମ୍ଭ କରିଛନ୍ । କାର୍ଯ୍ୟକ୍ରମ୍‌ଥି ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ୍ ଚୌଧୁରୀଙ୍କର୍ ସହେତେ ଆର୍ଥିକ୍ ସେବା ବିଭାଗ୍ ଆଉ ପିଏଫ୍‌ଆର୍‌ଡିଏ ଅଧ୍ୟକ୍ଷଙ୍କର୍ ସହେତେ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ସାରା ଦେଶେ ଏକାସାଙ୍ଗେ ୭୫ ଟା ଜାଗା ନ ଇ ଯୋଜ୍‌ନାର୍ ଶୁଭାରମ୍ଭ ହେଇଛେ । ଇଥି ୨

ଶହ ୫୦ ନୁ ଅଏତ୍କା ସ୍ଥାୟୀ ଅବସର ଖାତା ନମ୍ବର୍ ନାବାଳକ ଉପଭୋକ୍ତାମାନ୍କୁ ବଂଟାଯାଇଥିଲା । ୧୮ ବଛର୍ନୁ କମ୍ ବୟସର୍ ଛୁଆମାନ୍କର୍ ଲାଗି ଇ ଯୋଜ୍ନା ଲାଗୁ କରାଯାଇଛେ । ଛୁଆ ବଡ଼ ହେବାର୍ ଉତ୍ରୁ ସେମାନ୍କର୍ ବିତୀୟ ସୁରକ୍ଷାକେ ଇ ଯୋଜ୍ନା ସୁନିର୍ଶ୍ଚିତ୍ କର୍ବା ।